# Akashvani, Sambalpur

## SAMBALPURI NEWS EVENING BULLETIN

## 24 March 2024- 7.02 pm- 7.12 pm.

*******************************************

୧- ଆଏବା ନିର୍ବାଚନ୍‌ଥି ମତଦାତାମାନେ ଯେନ୍ତା ସୁବିଧା ନ ଭୋଟ୍ ଦେଇପାର୍‌ବେ- ହେତାର୍ ଉପ୍‌ରେ ଜୋର୍ ଦେଇଛନ୍ ନିର୍ବାଚନ୍ ଆୟୋଗ୍ ।

- ବୟସ୍କ ଆର୍ ଦିବ୍ୟାଙ୍ଗ ମତଦାତାଙ୍କର୍ ଲାଗି ହେବା ଖାସ୍ ବ୍ୟବସ୍ଥା ।

୨- ପିଆଜ୍ ରପ୍ତାନୀ ଉପ୍‌ରେ ନିଷେଧାଦେଶ୍‌କେ ଅନିର୍ଦ୍ଦିଷ୍ଟ ସମିଆ ଲାଗି ବଢ଼େଇଛନ୍ କେନ୍ଦ୍ର ସର୍‌କାର୍ ।

୩- ଆଏଜ୍ ହେଉଛେ ବିଶ୍ୱ ଯକ୍ଷ୍ମା ଦିବସ୍ - ଇ ବଛ୍‌ରର୍ ବିଷେ ହେଉଛେ 'ହଁ ଆମେ ଯକ୍ଷ୍ମାକେ ଶେଷ୍ କରିପାର୍‌ମା' ।

ଆଉର୍

୪- ଦେବ୍‌ଗଡ଼୍‌କେ ଛାଡ଼ିକରି ପର୍ଶ୍ଚିମ ଓଡ଼ିଶାର୍ ସବୁ ଜାଗା ନ ପାରା ୩୫ ଡିଗ୍ରୀ ଉପ୍‌ରେ ।

ନିର୍ବାଚନ୍ ଆୟୋଗ-ମତଦାନ୍ ଆର୍‌ଏନ୍‌ୟୁ/କଟକ/ଏନ୍‌ଏସ୍‌ଡି

ମତଦାତାମାନେ ଯେନ୍ତା ସୁବିଧା ନ ଭୋଟ୍ ଦେଇପାର୍‌ବେ ହେତାର୍ ଉପ୍‌ରେ ନିର୍ବାଚନ୍ ଆୟୋଗ୍ ଜୋର୍ ଦେଇଛନ୍ । କେହେନି ମତଦାତା ଯେନ୍ତା ଭୋଟ୍ ଦେବାର୍‌ନୁ ବଂଚିତ୍ ନାଇଁ ହୁଅନ୍ ନିର୍ବାଚନ୍ ଆୟୋଗ୍ ସେ ଲକ୍ଷ୍ୟ ରଖିଛନ୍ । ମିଲିଥିବା ସୂଚ୍‌ନା ଅନ୍‌ସାରେ ୮୫ ବଛର୍‌ନୁ ଅଏତ୍‌କା ବୟସର୍ ମତଦାତା ଆର୍ ୪୦ ପ୍ରତିଶତ୍ ଦିବ୍ୟାଙ୍ଗ ମତଦାତାମାନେ ଯେନ୍ତା ଘରେ ବସିକରି ଭୋଟ୍ ଦେଇପାର୍‌ବେ, ହେଥିର୍‌ଲାଗି ନିର୍ବାଚନ୍ ଆୟୋଗ୍ ପଦକ୍ଷେପ୍ ନେଇଛନ୍ । ବୟସ୍କ ଆର୍ ଦିବ୍ୟାଙ୍ଗ ମତଦାତାମାନ୍‌କର୍ ଲାଗି ଫି' ମତଦାନ୍ କେନ୍ଦ୍ର - ପୁଲିଂ ବୁଥ୍ ନ ସ୍ୱେଚ୍ଛାସେବୀ ଆଉ ହ୍ୱିଲ୍ ଚେୟାର୍ ରହେବେ । ଦିବ୍ୟାଙ୍ଗ ଆଉ ବୟସ୍କ ମତଦାତାମାନ୍‌କର୍ ଲାଗି ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ପରିବହନ୍ ବ୍ୟବସ୍ଥା ଭିଲ୍ କରାଯିବା । ଦିବ୍ୟାଙ୍ଗ ମାନେ ଯେନ୍ତା ସହଜେ ମତଦାନ୍ କରିପାର୍‌ବେ ଆଉ ମତଦାନ୍ କେନ୍ଦ୍ର ନ ସବୁ ସୁବିଧା ପାଏବେ ହେଥିର୍‌ଲାଗି ନିର୍ବାଚନ୍ ଆୟୋଗ୍ 'ସକ୍ଷମ୍' ଆପ୍ ଲଂଚ୍ କରିଛେ । ସ୍କୁଲ୍ ମାନ୍‌କୁ ପୁଲିଂ ବୁଥ୍ ହେଉଥିବାର୍‌ନୁ ଛାତ୍ରଛାତ୍ରୀମାନ୍‌କୁ ନିର୍ବାଚନ୍ ପ୍ରକ୍ରିୟାର୍ ଉପହାର୍ ହିସାବେ ସ୍ଥାୟୀ ନିଶ୍ଚିତ ସର୍ବନିମ୍ନ ସୁବିଧା ଏଏମ୍‌ଏଫ୍ ଉପ୍‌ରେ ଭିଲ୍ ଗୁରୁତ୍ୱ ଦିଆଯାଉଛେ । ହେଥି ପିଇବାର୍ ପାଏନ୍,

ଶୌଚାଳୟ, ହ୍ୱିଲ୍ ଚେୟାର୍, ହେଲ୍ପ ଡେସ୍କ, ଭୋଟର୍ ସୁବିଧା କେନ୍ଦ୍ର, ଆଲୋକ ଆର୍ ଛାୟା ବ୍ୟବସ୍ଥା ରହିଛେ । ଇତାର୍‌ସଙ୍ଗେ ଦିବ୍ୟାଙ୍ଗମାନ୍‌କର୍ ପରିଚାଲିତ୍ ମତଦାନ୍ କେନ୍ଦ୍ର, ମହିଳାମାନ୍‌କର ପରିଚାଲିତ୍ ମତଦାନ୍ କେନ୍ଦ୍ର ଆର୍ ଆଦର୍ଶ ମତଦାନ୍ କେନ୍ଦ୍ରର୍ ବ୍ୟବସ୍ଥା କରାଯାଇଛେ ।

ପିଆଜ ରପ୍ତାନୀ -ନିଷେଧାଦେଶ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ପିଆଜ ରପ୍ତାନୀ ଉପ୍‌ରେ ନିଷେଧାଦେଶ୍‌କେ ଅନିର୍ଦ୍ଦିଷ୍ଟ୍ ସମିଆ ଲାଗି ବଢ଼େଇଛନ୍ । ଘରୋଇ ଉପଲବ୍ଧତା ବଢ଼ାବାର୍ ସଙ୍ଗେ ପିଆଜ୍‌ର ଦାମ୍ ଆଏତେ ରଖ୍‌ବାର୍‌କେ କେନ୍ଦ୍ର ସର୍‌କାର୍ ନିଷେଧାଦେଶ ସମିଆ ବଢ଼େଇଛନ୍ । ଆଘୋନୁ ଇ ମାସର୍ ୩୧ ତାରିଖ୍‌ତକ୍ ପିଆଜ୍ ରପ୍ତାନୀ ଉପ୍‌ରେ ନିଷେଧାଦେଶ ଜାରି କରାଯାଇଥିଲା ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ/ ଡାକ୍ତର୍‌ଖାନା ଆର୍‌ଏନ୍‌ୟୁ / କଟକ୍

ଖରାଦିନେ ତାତି ବଢ଼୍‌ବାର୍ ସଙ୍ଗେ ଡାକ୍ତର୍‌ଖାନା ମାନ୍‌କୁ ଜୁଏ ଲାଗ୍‌ବାର୍ ଆଶଙ୍କା ଥିବାର୍‌ନୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର୍ ସଚିବ ଅପୂର୍ବ ଚନ୍ଦ୍ର ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍

ଅଂଚଲ୍‌ର ମୁଖ୍ୟ ଶାସନ୍ ସଚିବ ମାନ୍‌କୁ ଚିଠି ଲେଖିଛନ୍ । ଚିଠିଥି  ସବୁ ସ୍ୱୀକୃତି ପ୍ରାପ୍ତ ଡାକ୍ତର୍‌ଖାନା ନ ଜୁଏ ଲାଗ୍‌ବାର୍ ଘଟ୍‌ନା ରୁକ୍‌ବାର୍‌କେ ତୁର୍‌ତି ପଦକ୍ଷେପ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି କୁହାଯାଇଛେ । ଡାକ୍ତର୍‌ଖାନାମାନ୍‌କର୍ ପୁରା ଯାଂଚ୍ ସଙ୍ଗେ ବିଦ୍ୟୁତ୍ ଲୋଡ୍ କ୍ଷମତାର୍ ଅସଙ୍ଗତି ଦୂର୍ କର୍‌ବାର୍‌କେ ଆଉ ରାଜ୍ୟ ଅଗ୍ନିଶମ ବିଭାଗ୍‌କୁ ବୈଧ ଅଗ୍ନିଶମ ଏନ୍‌ଓସି ନିଶ୍ଚିତ୍ କର୍‌ବାର୍‌କେ ଚିଠିଥି ନିର୍ଦ୍ଦେଶ୍ ଦିଆଯାଇଛେ । ଡାକ୍ତର୍‌ଖାନାମାନ୍‌କୁ ଜୁଏ ଲିଭା ଯନ୍ତ୍ର ଆର୍ ବାକି ବ୍ୟବସ୍ଥା ଠିକ୍‌ଠାକ୍ ଅଛେ କି ନାଇଁ ଯାଂଚ୍ କରିକରି ଡାକ୍ତର୍‌ଖାନାଥି ୱାଟର୍ ସ୍ପ୍ରିଙ୍କଲର୍ ଆର୍ ହୋସ୍‌ପାଇପ୍ ରଖ୍‌ବାର୍ ସଙ୍ଗେ ଜାତୀୟ ବିଲ୍‌ଡିଂ କୋଡ୍‌କେ କଡ଼ାକଡ଼ି ପାଲନ୍ କର୍‌ବାର୍‌କେ କୁହାଯାଇଛେ ।

ବିଶ୍ୱ ଯକ୍ଷ୍ମା ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଯକ୍ଷ୍ମା ଦିବସ୍ । ସଂକ୍ରାମକ ବେମାରୀ ଯକ୍ଷ୍ମା- ଟିବି ବାବ୍‌ଦେ ଲୋକ୍‌ମାନ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି ଲାଗି ଫି ବଛର୍ ବିଶ୍ୱ ଯକ୍ଷ୍ମା ଦିବସ୍ ପାଲନ୍ କରାଯାଏସି । ୧୮୮୨ ମସିହା ଆଝିର୍ ଦିନେ ଡକ୍ଟର୍ ରବର୍ଟ କୋଚ୍ ଯକ୍ଷ୍ମା ବେମାରି କରୁଥିବା ବେକ୍ଟେରିୟମ୍‌କେ ଆବିଷ୍କାର୍ କରିଥିଲେ ।

ତାର୍ ଉତ୍ରୁ ଯକ୍ଷ୍ମା ବିମାରୀକେ ଚିହ୍ନଟ୍ ଆର୍ ତାର୍ ନିଦାନ୍ର ବାଟ୍ ଖୁଲିଥିଲା । ହେଥିର୍ଲାଗି ଡକ୍ଟର୍ ରବର୍ଟ କୋଚ୍ଙ୍କୁ ନୋବେଲ୍ ପୁରସ୍କାର୍ ଭିଲ୍ ମିଲିଥିଲା । ଯକ୍ଷ୍ମା ବେମାରୀ ମାଇକୋ ବେକ୍ଟେରିୟମ୍ ଟ୍ୟୁବର୍ କୋଲୋସିସ୍ ବଲି ଗୁଟେ ବେକ୍ଟେରିଆ ଲାଗି ହେସି । ଇ ବେମାରୀ ଫୁସ୍ଫୁସ୍ଥି ହେବାର୍ସଙ୍ଗେ କିଡ୍ନୀ ଆର୍ ମସ୍ତିଷ୍କକେ ଭିଲ୍ ପ୍ରଭାବିତ୍ କର୍ସି । ଟିବି ବେମାରୀ ହେଇଥିବା ରୋଗୀଙ୍କର୍ କଫ, ଛିଙ୍କ ଆର୍ ଥୁକ ଜରିଆଥି ଚାପ୍ସି । ହେଲେ ବେଲ୍ ଥାଉନ୍ ଥାଉନ୍ ଚିକିତ୍ସା କଲେ ଇ ବେମାରୀର୍ ପୁରା ନିଦାନ୍ ହେଇପାର୍ସି । ଇ ବଛର୍ ଯକ୍ଷ୍ମା ଦିବସ୍ର ବିଷୟ 'ହଁ ଆମେ ଯକ୍ଷ୍ମାକେ ଶେଷ୍ କରିପାର୍ମା' ରଖାଯାଇଛେ ।

ବିଶ୍ୱ ଯକ୍ଷ୍ମା ଦିବସ୍ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍କେ ଯକ୍ଷ୍ମା ମୁକ୍ତ କର୍ବାର୍ ଲାଗି ସଭେ ମିଶିକରି କାମ୍ କର୍ବାର୍କେ ଆହ୍ୱାନ୍ ଦେଇଛନ୍ ।

ସେନ୍ତା ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭିଲ୍ ସାମାଜିକ୍ ଗଣମାଧ୍ୟମ୍ ଏକ୍ସଥି ଅଲ୍ଗା ଅଲ୍ଗା ପୋଷ୍ଟ କରିକରି ଜଲ୍ଦି ଚିହ୍ନିପାର୍ଲେ ଆର୍ ଚିକିତ୍ସା କଲେ ଟିବି ବେମାରୀ ଭଲ୍ ହେଇପାର୍ବା ବଲି କହିଛନ୍ ।

ଭାରତ୍ ନ ଫି ବଛର୍ ଲକ୍ଷାଧିକ୍ ଲୋକ୍ ଟିବି ବେମାରୀଥି ଆକ୍ରାନ୍ତ ହେଉଥିବାର୍ ବେଲେ ଓଡ଼ିଶାକେ ଆଏବା ୨୦୨୫ ମସିହାତକ୍ ଯକ୍ଷ୍ମାମୁକ୍ତ କର୍ବାର୍କେ ଲକ୍ଷ୍ୟ ରଖାଯାଇଛେ ।

ରାଏଜେ ଏଛେନ୍ ଫିଁ ଲାଖେ ଲୁକ୍‌କର୍ ଭିତ୍‌ରୁ ୨ ହଜାର୍ ୫ ଶହ ୪୮ ଝନ୍‌କର୍ ପରୀକ୍ଷା କରାଯାଉଛେ । ପାଖାପାଖି ସବୁ ଡାକ୍ତର୍‌ଖାନା ନ ଟ୍ରୁନାଟ୍ ମିସିନ୍‌ଥି ଯକ୍ଷ୍ମା ପରୀକ୍ଷା କରାଯାଇକରି ସଂକ୍ରମିତ ମାନ୍‌କୁ ମାହାଲିଆ ଉଷୋ ଦିଆଯାଉଛେ । ୨ ହପ୍ତାନୁ ଅଏତ୍‌କା ସମିଆ ଖୁଁସି ଲାଗି ରହେଲେ ତୁର୍‌ତି ପରୀକ୍ଷା କରେଇନେବାର୍‌କେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ବୌଦ୍ଧ ନିର୍ବାଚନ୍ ମଣ୍ଡଳୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ କନ୍ଧମାଲ୍ ଲୋକ୍‌ସଭା ଆସନ୍ ସଙ୍ଗେ ଜିଲ୍ଲାର୍ ବୌଦ୍ଧ ଆର୍ କଂଟାମାଲ୍ ବିଧାନ୍‌ସଭା ଆସନ୍ ଲାଗି ଆଏବା ମେ ୨୦ ତାରିଖ୍ ଦିନ ଭୋଟ୍ ହେବା । ଜିଲ୍ଲା ନ ସୁରୁଖୁରୁଥି ନିର୍ବାଚନ୍ ପରିଚାଳନା ଲାଗି ୪ ଶହ ୧୧ ଝନ୍ ପ୍ରିଜାଇଡିଂ ଅଫିସର୍, ୨ ହଜାର୍ ୫୫ ଝନ୍ ପୁଲିଂ ଅଫିସର୍ ଆର୍ ୫୯ ଝନ୍ ସେକ୍ଟର୍ ଅଫିସର୍‌ଙ୍କୁ ତାଲିମ୍ ଦିଆସରିଛେ । ବୌଦ୍ଧ ଜିଲ୍ଲାପାଲ୍ ଆଉ ଜିଲ୍ଲା ମୁଖ୍ୟ ନିର୍ବାଚନ୍ ଅଧିକାରୀ ଜେ. ସୋନାଲ୍ ସୂଚ୍‌ନା ଦେଇକରି କହିଛନ୍...

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ଆମର୍ ବୌଦ୍ଧ ଜିଲ୍ଲା ପ୍ରତିନିଧି ସମ୍ପଦ୍ କୁମାର୍ ଅଗ୍ରୱାଲ୍ ଅଏତ୍‌କା ସୂଚ୍‌ନା ଦେଇକରି କହିଛନ୍ ....
(ଭଏସ୍ ଓଭର୍-ବୌଦ୍ଧ ସମ୍ବାଦଦାତା)

ହୀରାକୁଦ୍- ଝାଡ଼ାବାନ୍ତି ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ସମ୍ବଲପୁର ମହାନଗର୍ ନିଗମ୍ ଇଲାକାର୍ ହୀରାକୁଦ୍‌ନୁ ଝାଡ଼ାବାନ୍ତିଥି ଆକ୍ରାନ୍ତ ହେଇଥିବାର୍ ଶତାଧିକ ଲୁକ୍‌କର୍ ଚିକିତ୍ସା ଚାଲିଥିବାର୍ ବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍‌ର ୨ ଝନିଆ ବିଶେଷଜ୍ଞ ଦଲ୍ ହୀରାକୁଦ୍ ପୁହୁଁଚିକରି ଥିତିର୍ ସମୀକ୍ଷା କରିଛନ୍ । ବିଶେଷଜ୍ଞ ଦଲ୍‌ଥି ରାଜ୍ୟ ଆର୍.ଆର୍.ଟି ସେଲ୍‌ର ଡାକ୍ତର୍ ସୁର୍‌ଜିତ୍ ଆର୍ ଆଇ.ଡି.ଏସ୍.ପି.ର ଏପିଡେମୋଲୋଜିଷ୍ଟ ଡାକ୍ତର୍ ସୁନୀତା ଜେନା ଅଛନ୍ । ସେମାନେ ହୀରାକୁଦ୍ ଡାକ୍ତରଖାନା ନ ଭର୍ତିଥିବା ଆକ୍ରାନ୍ତମାନ୍‌କୁ ଦେଖିବାର୍ ସଙ୍ଗେ ଡାକ୍ତର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ବିଶେଷଜ୍ଞ ଦଲ୍ ଥିତି ବାବ୍‌ଦେ ସ୍ୱାସ୍ଥ୍ୟ ବିଭାଗ୍‌କେ ରିପୋର୍ଟ ଦେବେ ବଲି ଜନାପଡ଼ିଛେ ।

ବିଶ୍ୱ ଦକ୍ଷତା କେନ୍ଦ୍ର-ସ୍ୱଟ୍ ନାଁଲେଖା ଆର୍‌ଏନ୍‌ୟୁ/କଟକ୍

ଭୁବ୍‌ନେଶ୍ୱର୍ ନ ଥିବାର୍ ବିଶ୍ୱ ଦକ୍ଷତା କେନ୍ଦ୍ରଥି ୨୦୨୪ -୨୫ ଶିକ୍ଷା ବଛର୍ ଲାଗି ଭିନ୍ ଭିନ୍ ଅତ୍ୟାଧୁନିକ୍ ବିଷେଥି ସ୍ୱଟ୍ ନାଁଲେଖା ଆଏବା ୨୭ ତାରିଖ୍ ବୁଧବାର୍‌ନୁ ଏପ୍ରିଲ୍ ୬ ତାରିଖ୍‌ତକ୍ ଚାଲ୍‌ବା । ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆର୍ ସ୍କୁଲ୍ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ୍ ଅଧୀନ୍‌ଥି ଥିବା ୭ ଟା ବିଷେଥି ନାଁଲେଖା ସଖାଲର୍ ୯ ନୁ ଉପର୍‌ବେଲା ୫ ବଜାତକ୍ ଚାଲ୍‌ବା । ରାଜ୍ୟର୍ ଯୋଗ୍ୟ ଆର୍ ଆଗ୍ରହୀ ପ୍ରାର୍ଥୀମାନେ ନାଁଲେଖାବାର୍‌କେ ଦର୍‌କାରୀ ପ୍ରମାଣ୍‌ପତ୍ର ସାଙ୍ଗେ ଆନିକରି ଆଏବାର୍ ଲାଗି ବିଶ୍ୱ ଦକ୍ଷତା କେନ୍ଦ୍ର ତର୍‌ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଛେ । ଆଏଜ୍ ଭିଲ୍ ବଲାଙ୍ଗିର୍ ନ ଦିନର୍ ସବୁନୁ ଜହ ତାତି ୩୮ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ ହେଇଛେ । ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏଜ୍ ଦିନର୍ ତାତି ପଶ୍ଚିମ ଓଡ଼ିଶାର୍ ଟିଟିଲାଗଡ଼୍ ନ ୩୮ ଦଶ୍‌ମିକ୍ ୨, ଭବାନୀପାଟ୍‌ନା ନ ୩୭, ଝାର୍‌ସୁଗୁଡ଼ା ନ ୩୬ ଦଶ୍‌ମିକ୍ ୭, ରାଉର୍‌କେଲା ନ ୩୬ ଦଶ୍‌ମିକ୍ ୩, ସମ୍ବଲ୍‌ପୁର୍ ୩୬ ଦଶ୍‌ମିକ୍ ୨, ବୌଦ୍ଧ, ସୁନ୍ଦର୍‌ଗଡ଼୍ ଆର୍ ନୂଆପଡ଼ା ନ ୩୬,

ସୁବର୍ଣ୍ଣପୁର୍ ନ ୩୫ ଦଶ୍ମିକ୍ ୮, ବର୍ଗଡ୍ ନ ୩୫ ଦଶ୍ମିକ୍ ୨ ଆର୍ ଦେବ୍ଗଡ୍ ନ ୩୪ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ । ଆଏବା ୪ ଦିନ୍ ଭିତ୍ରେ ଦିନ୍ବେଲାର୍ ତାତି ତାପମାତ୍ରା ୩ ନୁ ୫ ଡିଗ୍ରୀ ଆର୍ ରାଏତ୍ବେଲାର୍ ତାତି ୨ / ୩ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।